ଜିଲ୍ଲା ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ପତ୍ର ସଂଖ୍ୟା୨୦୦/ ଗୃହରକ୍ଷୀ　　　　　　　　　　　　　　　　ତାରିଖ : ୧୬ /୦୫/୨୦୨୫ ।

## କେନ୍ଦୁଝର ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା

ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡିଶା,କଟକଙ୍କ ପତ୍ରସଂଖ୍ୟା ୧୪୨୨/ଗୃହରକ୍ଷୀ ତାରିଖ:୧୬.୦୪.୨୦୨୫ ଓ ପତ୍ରସଂଖ୍ୟା ୧୪୨୯/ଗୃହରକ୍ଷୀ ତାରିଖ:୧୭.୦୪.୨୦୨୫ ଅନୁଯାୟୀ କେନ୍ଦୁଝର ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଖାଲି ଥିବା ୩୩୦(ପୂର୍ବରୁ ଅନୁମତି ମିଳିଥିବା ପଦବୀ-୩୨୦ +ବର୍ତମାନ ଖାଲି ଥିବା ପଦବୀ-୦୬+ଅଗ୍ରୀମ ଖାଲି ହେବାକୁ ଥିବା ପଦବୀ-୦୪ ତା.୩୧।୧୨।୨୦୨୫ ରିଖ ପର୍ଯ୍ୟନ୍ତ)ଗୃହରକ୍ଷୀ ପଦବୀରେ ନିଯୁକ୍ତି ପାଇଁ କେନ୍ଦୁଝର ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ନିର୍ଧାରିତ ଫର୍ମ (ଓଡ଼ିଶାଗୃହରକ୍ଷୀ ନିୟମ ୧୯୬୨ ର Form-"A)ରେ ଦରଖାସ୍ତ ଆବେଦନକରିବା ପାଇଁ ଆହ୍ୱାନ କରାଯାଉଅଛି।ଇଚ୍ଛୁକ ପ୍ରାର୍ଥୀଙ୍କୁ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, କେନ୍ଦୁଝର କାର୍ଯ୍ୟାଳୟ (ରିଜର୍ଭ ଅଫିସ) ଠାରେ ତା.୨୧.୦୫.୨୦୨୫ ରିଖ ସଖାଳ ୧୦ ଘଟିକା ଠାରୁ ତା.୩୧.୦୫.୨୦୨୫ ରିଖ ୫ ଘଟିକା ସୁଦ୍ଧା ଆବେଦନ ଫର୍ମ ଦାଖଲକରିବାକୁ ପଡିବ। ନିର୍ଧାରିତ ସମୟ ପରେ କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହି। ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରି ମାନେ ନିକଟସ୍ଥ ଥାନା, ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ (ରିଜର୍ଭ ଅଫିସ) ରୁ ବୁଝିପାରିବେ। କମ୍ପ୍ୟୁଟରଜ୍ଞାନ, ଗାଡିଚାଳନା, ରୋଷେଇଜ୍ଞାନ,ବିଦ୍ୟୁତ ମିସ୍ତ୍ରୀ, ପାଇପ ମିସ୍ତ୍ରୀ,ବାରିକ, କାଠକାମ, ଦରଜୀକାମ, ବାତାନୁକୁଳଯନ୍ତ୍ର ମରାମତି ଓ ଅନ୍ୟାନ ଦକ୍ଷତାଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।ଜଣେ ଅବେଦନକାରୀ ଗୋଟିଏ ମାତ୍ର ଟ୍ରେଡ (ଯଦି ଥାଏ) ଚୟନ କରିପାରିବେ, ଯଦି ଆବେଦନକାରୀ ଏକ ରୁ ଅଧିକ ଟ୍ରେଡ ଚୟନ କରିଥିବେ ସେଠାରେ ଆବେଦନକାରୀଙ୍କ ପ୍ରଥମ ଚୟନଟିକୁ ଅଗ୍ରାଧିକାର ଦିଆଯିବ। କେନ୍ଦୁଝର ଜିଲ୍ଲା ଗୃହରକ୍ଷୀ ସଂଗଠନରେ ମୋଟ ଖାଲି ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା ହେଲା ୩୩୦, ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଥିବା ଖାଲି ପଦବୀ ସଂଖ୍ୟା ଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଶାରୀରିକ, ଲିଖିତ, ଦକ୍ଷତା ଓ ସାକ୍ଷାତକାର ଚୟନ ପରୀକ୍ଷାର ସମ୍ମୁଖିନ ହେବାକୁ ପଡ଼ିବ।

ଗୃହରକ୍ଷୀ ଏକ ସରକାରୀ ଚାକିରି ନୁହେଁ ବରଂ ଏହା ଏକ ସମ୍ପୂର୍ଣ ସ୍ୱେଚ୍ଛାସେବୀ ସଂସ୍ଥା ଓ ଯାହାର କାର୍ଯ୍ୟକାଳ ଅବଧୀ ୩ ବର୍ଷ ଅଟେ। ନିଯୁକ୍ତି, ଶୃଙ୍ଖଳା, ବହିଷ୍କାର ତଥା ଅନ୍ୟାନ୍ୟ ନିୟମ, ସର୍ତ୍ତାବଳୀ ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧, ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ ସର୍କୁଲାର ଅର୍ଡର ସଂଖ୍ୟା. ୦୧/୨୦୨୫ ଦ୍ୱାରା ନିୟନ୍ତ୍ରିତ ହେବ। ଗୃହରକ୍ଷୀ ସର୍କୁଲାର ଅର୍ଡର ସଂଖ୍ୟା. ୦୧/୨୦୨୫ ଅନୁଯାୟୀ ସ୍ୱେଚ୍ଛାସେବୀ ଗୃହରକ୍ଷୀକୁ ସେମାନଙ୍କର ନିଜ ଥାନା କିମ୍ବା ପଡୋଶୀ ଥାନାରେ ନିଯୁକ୍ତି ଦିଆଯିବ।ଯଦି ଚୟନକର୍ତାଙ୍କୁ ନିଜ ଥାନା କିମ୍ବା ପଡୋଶୀ ଥାନାରେ ଉପଯୁକ୍ତ ସ୍ୱେଚ୍ଛାସେବୀ ଗୃହରକ୍ଷୀ ନମିଳିଲେ ତେବେ ଜିଲ୍ଲାର ଯେକୌଣସି ଥାନାରୁ ନିଯୁକ୍ତି ଦେଇପାରିବେ। ପୂର୍ବରୁ କୌଣସି ଗୃହରକ୍ଷୀ କାର୍ଯ୍ୟରତ ଥିବା ସମୟରେ ଯଦି କାର୍ଯ୍ୟରୁ ଇସ୍ତଫା /ବହିସ୍କାର କିମ୍ବା ମୃତକଙ୍କ ନିକଟସ୍ଥ (NOK)ହୋଇଥିବେ ସେମାନେ ମଧ ନୁତନ ଭାବେ ଆବେଦନ କରିପାରିବେ।

ଆବେଦନ ଫର୍ମଗୁଡିକ କେନ୍ଦୁଝର ଜିଲ୍ଲାର ସମସ୍ତ ଥାନା ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ (ରିଜର୍ଭ ଅଫିସ) କାର୍ଯ୍ୟାଳୟରେ ଉପଲବ୍ଧ ହେବ।ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡିଶା, କଟକଙ୍କ ଅନୁମତି ପାଇବା ପରେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ।

**<u>ଯୋଗ୍ୟତା-</u>**

୧. ଆବେଦନକାରୀ ଭାରତୀୟ ନାଗରିକ ହୋଇଥିବା ଆବଶ୍ୟକ।

୨. ଆବେଦନକାରୀ କେନ୍ଦୁଝର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ।

୩. ଆବେଦନକାରୀ ଅତି କମରେ ନିମ୍ନ ପ୍ରାଥମିକ (ପଞ୍ଚମ ଶ୍ରେଣୀ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

୪. ଆବେଦନକାରୀ ଓଡ଼ିଆ ଭାଷା ପଢ଼ି, ଲେଖି ଏବଂ କହିପାରୁଥିବେ ।

୫. ଆବେଦନକାରୀ ସୁସ୍ଥ, ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ।

୬. ଆବେଦନକାରୀଙ୍କ ବୟସ ତା ୦୧.୦୧.୨୦୨୫ ରିଖ ସୁଦ୍ଧା ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୭. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ସହିତ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନଥିବା ଆବଶ୍ୟକ।

**<u>ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ରର ନକଲ ସଂଲଗ୍ନ କରିବାକୁ ପଡିବ:-</u>**

୧. ଆବାସିକ ପ୍ରମାଣପତ୍ର ।
୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।
୩. ଜାତିଗତ ପ୍ରମାଣପତ୍ର ।
୪. ବର୍ତମାନ ସମୟର ୦୪(ଚାରିଗୋଟି) ପାସପୋର୍ଟ ଆକାରର ରଙ୍ଗୀନ ଫଟୋ ।
୫. ଦକ୍ଷତା ଅନୁଯାୟୀ ପ୍ରମାଣପତ୍ର (ଯଦି ଥାଏ)।
୬. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାର କାର୍ଡ/ଭୋଟର କାର୍ଡ) ।
୭.ଯୋଗାଯୋଗ ନିମନ୍ତେ ଉପଯୁକ୍ତ ମୋବାଇଲ ନମ୍ବର (Whatsapp ନମ୍ବର) ।
୮. ଇ-ମେଲ୍ ଆଇଡ଼ି।

**<u>ବି.ଦ୍ର:</u>**

୧. ଆବେଦନକାରୀ ନିଜର ସମସ୍ତ ପ୍ରମାଣ ପତ୍ରର ନକଲ ଏବଂ ଫଟୋରେ ସ୍ୱ ସ୍ୱାକ୍ଷର କରିବା ସହିତ ତାରିଖ ପକାଇବେ।

୨. ପ୍ରାର୍ଥୀମାନଙ୍କୁ ସୂଚିତ କରାଯାଉଛି କି ସେମାନେ କୌଣସି ପ୍ରକାର ବ୍ୟକ୍ତିଙ୍କ ଦ୍ୱାରା ପ୍ରଲୋଭିତ ହୁଅନ୍ତୁ ନାହି, ଯଦି କୌଣସି ବ୍ୟକ୍ତି ପ୍ରଲୋଭିତ କରିବାକୁ ଚେଷ୍ଟା କରନ୍ତି, ତାହା ହେଲେ ସମାଦେଷ୍ଟା ଗୃହରକ୍ଷୀ ବାହିନୀ କାର୍ଯ୍ୟାଳୟ, କେନ୍ଦୁଝରକୁ ଯୋଗାଯୋଗ କରିବାକୁ ଅନୁରୋଧ ।

୩. ଫର୍ମ-କ ସଠିକ ଭାବରେ ପୂରଣ ହୋଇନଥିଲେ କିମ୍ବା ଆବଶ୍ୟକ କାଗଜପତ୍ର ସଲଗ୍ନ କରିନଥିଲେ ଆବେଦନ ଫର୍ମଟିକୁ ରଦ୍ଦ କରାଯିବ।

୪. ଯଦି ଗ୍ରହଣ କରାଯାଇ ଥିବା ଦରଖାସ୍ତ ସଂଖ୍ୟା ଖାଲିଥିବା ପଦବୀ ସଂଖ୍ୟା ଠାରୁ ଅଧିକ ହୁଏ ତେବେ ପରବର୍ତୀ ସମୟରେ ଗଠିତ କରାଯାଇଥିବା ଚୟନକର୍ତାମାନଙ୍କ ନିଷ୍ପତି ଅନୁଯାୟୀ ଚୟନ ପ୍ରକ୍ରିୟା ନିର୍ଧାରିତ ହେବ ।

୫. ଦରଖାସ୍ତ ଗ୍ରହଣ କରାଯିବା ପରେ ଏହି ନିୟମ ଗୁଡିକ ଅଲଗା ବିଜ୍ଞାପନ ଜରିଆରେ ପ୍ରକାଶ କରାଯିବ ।

୬. ଚୂଡାନ୍ତ ଚୟନ ପାଇଁ କୌଣସି ଅପେକ୍ଷା ତାଲିକା ରହିବନାହି।

୧୨/୫

ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
କେନ୍ଦୁଝର .